# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 831, CUTTACK, FRIDAY, MAY 03, 2013/ BAISAKHA 13, 1935**


## HOUSING & URBAN DEVELOPMENT DEPARTMENT

NOTIFICATION

The 3rd May, 2013

**S. R. O. No. 322**/2013— In pursuance of Sub-Section(1) and Clause(h) of Sub-Section (2) of Section 54 of the Odisha Municipal Act, 1950 (Odisha Act 23 of 1950), the State Government do hereby publish the following resolution passed by two third of the total number of the Councilors of Hirakud N.A.C. at a meeting of the said Council held at 11.00 A.M. on the Conference Hall of the Hirakud N.A.C. located inside the Office campus Specially convened by the Collector & District Magistrate, Sambalpur and presided over by the Deputy Collector, Sambalpur having been specially authorized by the Collector & District Magistrate, Sambalpur under Clause(d) of Sub-section(2) of Section 54 of the said Act, recording want of confidence in Smt. Kalayani Bhoi, Chairperson of the aforesaid N.A.C. along with records of proceedings at such meeting.

As such Smt. Kalyani Bhoi holding the office of Chairperson of Hirakud N.A.C. shall be deemed to have vacated such office with effect from the date of passing of the resolution i.e. the 12th April 2013.

[No.15857-Elec-75/2013/HUD.]

By Order of the Governor

DEBARAJ SENAPATI

Director Housing & *Ex officio*
Additional Secretary to Government

**"RESOLUTION"**

## ବିଜ୍ଞାପିତ ଅଞ୍ଚଳ ପରିଷଦ,ହୀରାକୁଦର ସ୍ୱତନ୍ତ୍ର ବରାଦି ବୈଠକର ବିବରଣୀ

***

### ସ୍ଥାନ : ସମ୍ମିଳନୀକକ୍ଷ ବିଜ୍ଞାପିତ ଅଞ୍ଚଳ ପରିଷଦ, ହୀରାକୁଦ

### ତାରିଖ : ୧୨.୪.୨୦୧୩

### ସମୟ : ପୂର୍ବାହ୍ନ ଘ:୧୧.୦୦ମି

| କ୍ର.ସଂ. | ସଦସ୍ୟ/ସଦସ୍ୟାଙ୍କ ନାମ | ସ୍ୱାକ୍ଷର |
|---|---|---|
| ୧. | ଶ୍ରୀମତୀ କଲ୍ୟାଣୀ ଭୋଇ, ଅଧ୍ୟକ୍ଷା | |
| ୨. | ଶ୍ରୀମତୀ ପ୍ରଭାସିନି ତରିଆ, ସଦସ୍ୟା | |
| ୩. | ଶ୍ରୀ ଭଜନାନନ୍ଦ ଖମାରୀ | Bhajananda Khamari |
| ୪. | ଶ୍ରୀ ମହେଶ୍ୱର ବର୍ଗେ, ସଦସ୍ୟ | Maheswar Barge |
| ୫. | ଶ୍ରୀ କିଶୋର କୁମାର ମିର୍ଦ୍ଧା,ସଦସ୍ୟ | Kishore Ku. Mirdha |
| ୬. | ଶ୍ରୀ ଦୈତାରୀ ଭୋଇ, ସଦସ୍ୟ | Daitari Bhoi |
| ୭. | ଶ୍ରୀମତୀ ଲତାମଂଜରୀ ଛତ୍ରିଆ, ସଦସ୍ୟା | L. M. Chhatria |
| ୮. | ଶ୍ରୀ ଆନନ୍ଦ ନନ୍ଦ, ସଦସ୍ୟ | |
| ୯. | ଶ୍ରୀମତୀ ବିଜୟଲକ୍ଷ୍ମୀ ବଗର୍ତ୍ତି, ସଦସ୍ୟା | Bijaya Laxmi Bagarti |
| ୧୦. | ଶ୍ରୀ ଚନ୍ଦ୍ର ଶେଖର ମାଝୀ, ସଦସ୍ୟ | Chandra Sekhar Majhi |
| ୧୧. | ଶ୍ରୀ ଲଳିତ କିଶୋର ପାଇକରାୟ,ସଦସ୍ୟ | Lalit Kishore Paikarai |
| ୧୨. | ଶ୍ରୀ ବିପ୍ର ଚରଣ ଖଟାଇ, ସଦସ୍ୟ | Bipra Charan Khatai |
| ୧୩. | ଶ୍ରୀ ଗଣେଶ ଚନ୍ଦ୍ର ପୋଲେଇ, ସଦସ୍ୟ | Ganesh Pollai |
| ୧୪. | ଶ୍ରୀମତୀ ଗୀତାଂଜଳି ପଡିହାରୀ, ସଦସ୍ୟା | Gitanjali Padihari |
| ୧୫. | ଶ୍ରୀ ଚକ୍ରଧର ସେଠୀ, ସଦସ୍ୟ | Chakradhara Sethi |
| ୧୬. | ଶ୍ରୀମତୀ ରିଲି ଖଟାଇ, ଉପାଧ୍ୟକ୍ଷା | Rili Khatai |
| ୧୭. | ଶ୍ରୀମତୀ ପଦ୍ମିନୀ ନାଏକ, ସଦସ୍ୟା | |

ଅଦ୍ୟ ତା. ୧୨.୦୪.୨୦୧୩ ରିଖ ପୂର୍ବାହ୍ନ ଘ:୧୧.୦୦ମି. ସମୟରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍, ସମ୍ବଲପୁରଙ୍କ ଆଦେଶ ସଂଖ୍ୟା ୩୪୪, ତା.୦୬.୦୪.୨୦୧୩ ରିଖ ପ୍ରକାରେ ଶ୍ରୀ ନିହାର ରଂଜନ ଦାଶ, ଡେପୁଟି କଲେକ୍ଟର, (ଜୁଡିସିଆଲ୍), ସମ୍ବଲପୁରଙ୍କ ସଭାପତିତ୍ୱରେ ପୂର୍ବ ସ୍ଥିରିକୃତ ସମୟରେ ବିଜ୍ଞାପିତ ଅଂଚଳ ପରିଷଦ, ହୀରାକୁଦ ସମ୍ମିଳନୀ କକ୍ଷରେ ବରାଦି ବୈଠକ ଅନୁଷ୍ଠିତ ହୋଇଥିଲା । ପୂର୍ବାହ୍ନ ଘ:୧୧.୦୦ମି. ସମୟରେ ହୀରାକୁଦ ବିଜ୍ଞାପିତ ଅଂଚଳ ପରିଷଦର ୧୭ ଜଣ

ସଦସ୍ୟ/ସଦସ୍ୟାଙ୍କ ମଧ୍ୟରୁ ୧୩ଜଣ ସଦସ୍ୟ/ସଦସ୍ୟା ଉପସ୍ଥିତରହି ଆଲୋଚନାରେ ଭାଗ ନେଇଥିଲେ ।

ହୀରାକୁଦ ବିଜ୍ଞାପିତ ଅଂଚଳ ପରିଷଦର ଅଧ୍ୟକ୍ଷା ଶ୍ରୀମତୀ କଲ୍ୟାଣୀ ଭୋଇଙ୍କ ବିରୁଦ୍ଧରେ ଗତ ତାଃ ୦୫.୦୪.୨୦୧୩ ରିଖରେ ଶ୍ରୀମତୀ ରିଲି ଖଟାଇ, ଉପାଧକ୍ଷା ବିଜ୍ଞାପିତ ଅଂଚଳ ପରିଷଦ, ହୀରାକୁଦ ତଥା ଶ୍ରୀମତୀ ଲତାମଂଜରୀ ଚୁତ୍ରୀଆ, ଶ୍ରୀମତୀ ବିଜୟଲକ୍ଷ୍ମୀ ବଗର୍ତ୍ତୀ, ଶ୍ରୀ ଚନ୍ଦ୍ର ଶେଖର ମାଝୀ, ଶ୍ରୀ ଲଳିତ କିଶୋର ପାଇକରାୟ, ଶ୍ରୀମତୀ ଗୀତାଂଜଳି ପଡିହାରୀ, ଶ୍ରୀ ଚକ୍ରଧର ସେଠୀ ପ୍ରମୁଖ ସଦସ୍ୟ/ସଦସ୍ୟା ଏକ ଅନାସ୍ଥା ପ୍ରସ୍ତାବ ଆବଶକୀୟ ନିର୍ଦ୍ଧାରଣ ସହ ଆଗତକରି ଏହି ପ୍ରସ୍ତାବଟିକୁ ଜିଲ୍ଲାପାଳଙ୍କୁ ତା:୦୫.୦୪.୨୦୧୩ ରିଖରେ ପ୍ରଦାନ କରିଥିଲେ । ଉକ୍ତ ଅନାସ୍ଥା ପ୍ରସ୍ତାବଟିକୁ ଓଡ଼ିଶା ମ୍ୟୁନିସିପାଲ ଆଇନ୍ ୧୯୫୦ ର ଧାରା ୫୪ ଉପଧାରା (୨) (a) (b) ଅନୁଯାୟୀ ଯାଞ୍ଚ କରାଯାଇ ଏହା ବିଧି ସମ୍ମତ ଥିବାରୁ ଓଡ଼ିଶା ମ୍ୟୁନିସିପାଲର ଧାରା ୫୪, ଉପଧାରା-୨(c) ଅନୁଯାୟୀ ଜିଲ୍ଲାପାଳ, ବିଜ୍ଞାପିତ ଅଂଚଳ ପରିଷଦର ସ୍ୱତନ୍ତ୍ର ବରାଦି ବୈଠକ ତା.୧୨.୦୪.୨୦୧୩ ରିଖ ପୂର୍ବାହ୍ନ ଘ:୧୧.୦୦ମି. ବିଜ୍ଞାପିତ ଅଂଚଳ ପରିଷଦର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କରିବା ପାଇଁ ଧାର୍ଯ୍ୟ କରିଥିଲେ । ବିଜ୍ଞାପିତ ଅଂଚଳ ପରିଷଦ, ହୀରାକୁଦର ସଦସ୍ୟ/ସଦସ୍ୟା ମାନଙ୍କୁ ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା ୩୪୯ / ସାଧାରଣ ଓ ବିବିଧ ତା:୦୬.୦୪.୨୦୧୩ ରିଖ ମାଧ୍ୟମରେ ପ୍ରସ୍ତାବିତ ଅନାସ୍ଥା ପ୍ରସ୍ତାବର ନକଲ ଓ ବରାଦି ବୈଠକ ଆଗତ କରିବା ପାଇଁ ପ୍ରସ୍ତାବର ନକଲ ସହିତ ନିର୍ଦ୍ଧାରିତ ତାରିଖ, ସ୍ଥାନ ଓ ସମୟରେ ଉପସ୍ଥିତ ରହିବା ପାଇଁ ବିଜ୍ଞାପିତ ଅଂଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଜରିଆରେ ଓ ପତ୍ର ଯୋଗେ ଜଣାଇ ଦିଆଯାଇଥିଲା । ବିଜ୍ଞାପିତ ଅଂଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଉପରୋକ୍ତ ଆଦେଶ ଓ ପତ୍ର ସମୁଦାୟ ୧୭ ଜଣ ସଦସ୍ୟ/ସଦସ୍ୟାଙ୍କୁ ଦିଆଯାଇଥିବାର ଜଣାଇଥିଲେ ।

ଓଡ଼ିଶା ମ୍ୟୁନିସିପାଲ ଆଇନ୍‌ର ଧାରା-୫୪ ଉପଧାରା-୨ ଅନୁଯାୟୀ ଶ୍ରୀ ନିହାର ରଂଜନ ଦାଶ, ଓ.ପ୍ର.ସେ. ଡେପୁ୍ୟଟି କଲେକ୍ଟର (ଜୁଡିସିଆଲ୍) ସମ୍ବଲପୁର ଜିଲ୍ଲାପାଳଙ୍କ ଦ୍ୱାରା ଅଧିକାରପ୍ରାପ୍ତ

ହୋଇ ବିଜ୍ଞାପିତ ଅଂଚଳ ପରିଷଦର ସ୍ୱତନ୍ତ୍ର ବରାଦି ବୈଠକର ସଭାପତିତ୍ୱ କରିଥିଲେ । ନିର୍ଦ୍ଧାରିତ ସମୟରେ ବିଜ୍ଞାପିତ ଅଂଚଳ ପରିଷଦ ସମ୍ମିଳନୀ କକ୍ଷରେ ୧୩ ଜଣ ସଦସ୍ୟ/ସଦସ୍ୟା ଉପସ୍ଥିତ ରହିଥିଲେ । ଓଡ଼ିଶା ମ୍ୟୁନିସିପାଲ ଆଇନର ଧାରା ୫୪, ଉପଧାରା-୧ ଅନୁଯାୟୀ ଏହି ସଭାରେ ବିଜ୍ଞାପିତ ଅଂଚଳ ପରିଷଦର ଦୁଇଦୃତୀୟାଂଶରୁ ଅଧିକ ସଂଖ୍ୟକ ସଦସ୍ୟ/ସଦସ୍ୟା ଉପସ୍ଥିତ ଥିବାରୁ ଅଧ୍ୟକ୍ଷା ଶ୍ରୀମତୀ କଲ୍ୟାଣୀ ଭୋଇଙ୍କ ବିପକ୍ଷରେ ଆଗତ ହୋଇଥିବା ଅନାସ୍ଥା ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରାଯାଇଥିଲା । ପ୍ରକାଶ ଥାଉକି ସମୁଦାୟ ୧୭ ଜଣ ସଦସ୍ୟ/ସଦସ୍ୟା ମାନଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶ ସଦସ୍ୟ/ସଦସ୍ୟା ଗୁପ୍ତ ମତଦାନ ମାଧ୍ୟମରେ ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ସମ୍ପର୍କରେ ମତଦାନ କରିବା ପାଇଁ ମତ ପ୍ରକାଶ କରିଥିଲେ । ସଭାର ସଭାପତି ମତଦାନ ପ୍ରକ୍ରିୟା ସମ୍ପର୍କରେ ଉପସ୍ଥିତ ସଦସ୍ୟ/ସଦସ୍ୟା ମାନଙ୍କୁ ଅବଗତ କରାଇଥିଲେ । ଗୁପ୍ତ ମତଦାନ ମାଧ୍ୟମରେ ଭୋଟ ଦାନ କରାଯାଇଥିଲା । ଉପସ୍ଥିତ ୧୩ ଜଣ ସଦସ୍ୟ/ସଦସ୍ୟା ଗୁପ୍ତ ମତଦାନକରି ନିଜର ମତ ସାବସ୍ତ୍ୟ କରିଥିଲେ । ଭୋଟ ଗ୍ରହଣ ପରେ ସମସ୍ତଙ୍କ ସମ୍ମୁଖରେ ଭୋଟ ବାକ୍ସର ସିଲ୍ ଖୋଲାଯାଇ ଗଣତି କରାଯାଇଥିଲା । ଉପସ୍ଥିତ ୧୩ ଜଣ ସଦସ୍ୟ/ସଦସ୍ୟାଙ୍କ ମଧ୍ୟରୁ ୧୨ ଜଣ ସଦସ୍ୟ/ସଦସ୍ୟା ଶ୍ରୀମତୀ କଲ୍ୟାଣୀ ଭୋଇ, ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ଆଗତ ହୋଇଥିବା ଅନାସ୍ଥା ପ୍ରସ୍ତାବ ସପକ୍ଷରେ ମତଦାନ କରିଥିବାବେଳେ ଗୋଟିଏ ଭୋଟ ନାଚକ ହୋଇଯାଇଥିଲା । ଫଳରେ ଶ୍ରୀମତୀ କଲ୍ୟାଣୀ ଭୋଇ, ଅଧ୍ୟକ୍ଷା, ବିଜ୍ଞାପିତ ଅଂଚଳ ପରିଷଦଙ୍କ ବିରୁଦ୍ଧରେ ଆଗତ ଅନାସ୍ଥା ପ୍ରସ୍ତାବ କାୟମ ରହିଥିଲା । ବୈଠକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭାସାଙ୍ଗ କରାଯାଇଥିଲା ।

[No.15857-Elec-75/2013/HUD.]

By Order of the Governor

DEBARAJ SENAPATI

Director Housing & *Ex officio*
Additional Secretary to Government

---

Printed and published by the Director, Printing, Stationery and Publication, Odisha, Cuttack-10
Ex. Gaz. 255-193+20